# Akashvani, Sambalpur

## SAMBALPURI NEWS BULLETIN

### 18 June 2024- 6.47- 6.52 am.

**********************************************

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର ହିତାଧିକାରୀମାନ୍‌କୁ ୧୭ ନମ୍ବର୍ କିସ୍ତି ଦେବେ । ଉତର୍‌ପ୍ରଦେଶ୍‌ର ବାରାଣାସୀ ଠାନେ ହେବାର୍‌କେ ଥିବା ଗୁଟେ ସ୍ୱତନ୍ତ୍ର ସମାରୋହଥି ଶ୍ରୀ ମୋଦୀ ଡିବିଟି ଜରିଏ ୯ କୋଟି ୨୬ ଲାଖ୍ ନୁ ଅଏତ୍‌କା ହିତାଧିକାରୀମାନ୍‌କର୍ ଏକାଉଂଟ୍‌କେ ପାଖାପାଖି ୨୦ ହଜାର୍ କୋଟି ଟଙ୍କା ଦେବେ । ସମାରୋହଥି ଦେଶର୍ ୩୦ ହଜାର୍‌ନୁ ଅଏତ୍‌କା ସ୍ୱୟଂସହାୟକ ଗୋଷ୍ଠୀର୍ ସଦସ୍ୟମାନ୍‌କୁ କୃଷି ସଖୀ ଭାବେ ପ୍ରମାଣ୍‌ପତ୍ର ଦିଆଯିବା । ଇ ଅବ୍‌ସରେ ଆଏଜ୍ ଉପର୍‌ବେଲା ସାଢ଼େ ୪ ବଜେନୁ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ପିଏମ୍ କିଷାନ୍ ଉତ୍ସବ୍ ଦିବସ୍ ପାଳନ୍ କରାଯିବା ବଲି ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ ।

ବର୍‌ଗଡ୍ ଜିଲ୍ଲା ନ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ଆଉ କୃଷି ଆର୍ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ପୁରୀ ନ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ମହିଳା, ଶିଶୁକଲ୍ୟାଣ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେବେ ।

ଓଡ଼ିଶା ବିଧାନ୍‌ସଭା-ସ୍ୱତନ୍ତ୍ର ଅଧିବେଶନ

ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ବିଧାନ୍‌ସଭାର୍ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେଉଛେ । ଅଧିବେଶନ୍ ସମିଆଥି ନିର୍ବାଚିତ୍ ହେଇଥିବା ବିଧାୟକ୍‌ମାନେ ଆଏଜ୍ ଆଉ ଆଏବା କାଏଲ୍ ଶପଥ୍ ନେବେ । କାମଚଲା ବାଚସ୍ପତି ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁ ବିଧାୟକ୍‌ମାନ୍‌କୁ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରାବେ । ଇତାର୍‌ଛଡ଼ା ଆଏବା ଗୁରୁବାର୍ ବିଧିବଦ୍ଧ ଭାବେ ବାଚସ୍ପତି ନିର୍ବାଚନ୍ ହେବା । ସ୍ୱତନ୍ତ୍ର ଅଧିବେଶନ୍‌କେ ନଜର୍‌ଥି ରଖିକରି ବିଧାନ୍‌ସଭା ବାହାରେ ଆର୍ ଭିତ୍‌ରେ କଡ଼ା ସୁରକ୍ଷା

ବ୍ୟବସ୍ଥା କରାଯିବା ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ ଷଡ଼ଙ୍ଗୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- ବିଭାଗ୍ ସମୀକ୍ଷା        ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ତାଙ୍କର୍ ଅଧୀନ୍‌ଥି ଥିବା ୪ ଟା ବିଭାଗ୍‌ର ସମୀକ୍ଷା କରିଛନ୍ । ଜଲ୍‌ସମ୍ପଦ୍, ଯୋଜନା ଆଉ ସଂଯୋଜନା, ଅର୍ଥ ଆର୍ ଗୃହ ବିଭାଗ୍‌ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ଶ୍ରୀ ମାଝୀ ସମୀକ୍ଷା କରିଥିଲେ । ସର୍‌କାର୍ ଇସ୍ତାହାର୍‌ଥି ଦେଇଥିବା ପ୍ରତିଶ୍ରୁତି କେନ୍ତା ପୁରା କରାଯିବା ସେ ବାବ୍‌ଦେ ଅର୍ଥ ବିଭାଗ୍‌ର ବରିଷ୍ଠ ଅଧିକାରୀଙ୍କର୍ ସଙ୍ଗେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ ।

ସ୍କୁଲ୍ ଖୁଲ୍‌ବା-ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରା ଆଉ ଗୁଲ୍‌ଗୁଲିକେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍, ବଲାଙ୍ଗିର୍, ନୂଆପଡ଼ା, ସୁବର୍ଣ୍ଣପୁର୍, ସୁନ୍ଦର୍‌ଗଡ୍, ବର୍‌ଗଡ୍ ଜିଲ୍ଲା ସହେତେ ୧୧ ଟା ଜିଲ୍ଲାର୍ ସ୍କୁଲ୍ ମାନ୍‌କେ ୨୦ ତାରିଖ୍ ତକ୍ ଛୁଟି ଘୋଷ୍‌ନା କରାଯାଇଛେ । ସେନ୍ତା ଝାର୍‌ସୁଗୁଡ଼ା, ବୌଦ୍ଧ,

କେନ୍ଦ୍ରାପଡ଼ା ଆଉ ବାଲେଶ୍ୱର୍ ଜିଲ୍ଲା ନ ଆଏଜ୍ ଖାଲି ଛୁଟି ରହିଛେ । ଇ ଜିଲ୍ଲାମାନ୍‌କେ ଆଏବାକାଏଲ୍‌ଠାନୁ ସକାଳୁଆ ସ୍କୁଲ୍ ଖୁଲ୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ । ବାକି ୧୫ ଟା ଜିଲ୍ଲା ନ ଆଏଜ୍‌ଠାନୁ ସକାଲ୍‌ର ସାଢ଼େ ୬ ନୁ ସାଢ଼େ ୧୦ ବଜେତକ୍ ପାଠ୍‌ପଢ଼ା ହେବା । ଇନ ଜନେଇ ଦିଆଯାଇପାରେ ଯେ, ସ୍କୁଲ୍ ଖୁଲ୍‌ବା କି ନାଇଁ ସେ ବାବ୍‌ଦେ ନିଷ୍ପତି ନେବାର୍‌କେ ସବୁ ଜିଲ୍ଲାପାଲ୍ ମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଥିଲେ । ଇ ନିର୍ଦ୍ଦେଶ୍ ଉତ୍‌ରୁ ଜିଲ୍ଲାପାଲ୍ ମାନେ ନିଜର୍ ନିଜର୍ ଇଲାକା ନ ପାଣିପାଗ୍ ଥିତି ଅନ୍‌ସାରେ ସ୍କୁଲ୍ ଖୁଲ୍‌ବାର୍ ବିଷେ ନିଷ୍ପତି ନେଇଛନ୍ ।

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ /ଆର୍‌ଏନ୍‌ୟୁ /ସମ୍ବଲପୁର

ହୀରାକୁଦ୍ ଜଲ୍‌ଭଣ୍ଡାର୍ ବୁଡ଼ି ଇଲାକାର୍ ବିସ୍ଥାପିତ୍‌ମାନ୍‌କର୍ ସମସ୍ୟା ଦୂର୍ କର୍‌ବାର୍ ଉପ୍‌ରେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଜୋର୍ ଦେଇଛନ୍ । ଶ୍ରୀ ପୂଜାରୀ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍‌ର ନୂଆଁକରି ଦାୟିତ୍ୱ ଗ୍ରହଣ୍ କର୍‌ବାର୍ ଉତ୍‌ରୁ ଗଲାକାଏଲ୍ ବିଭାଗ୍‌ର

କାର୍ଯ୍ୟକ୍ରମ୍ ବାବ୍‌ଦେ ସମୀକ୍ଷା କରିଥିଲେ । ଇ ସମୀକ୍ଷାଥି ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ବିସ୍ଥାପିତ୍‌ମାନ୍‌କୁ କ୍ଷତିପୂରଣ୍, ସ୍ଥାୟୀ ପଟ୍ଟା ଦେବାର୍, ଘରଡିହ ଆର୍ ଚାଷ୍ ଜମି ଯୁଗେଇ ଦେବାର୍ କାମ୍ ଧାରିଜ୍ ସମିଆ ଭିତ୍‌ରେ ସାର୍‌ବାର୍‌କେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ୟୁଜିସି ନେଟ୍ ପରୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ - ୟୁଜିସି ନେଟ୍ ପରୀକ୍ଷା ଆଏଜ୍ ହେଉଛେ । ୨ ଟା ସିଫ୍ଟ୍‌ଥି ଇ ପରୀକ୍ଷା କରାଯିବା । ପହେଲା ସିଫ୍ଟ୍‌ଥି ସଖାଲର୍ ସାଢ଼େ ୯ ବଜେନୁ ସାଢ଼େ ୧୨ ବଜେତକ୍ ଆର୍ ଦୁଇ ନମ୍ବର୍ ସିଫ୍ଟ୍‌ଥି ଉପର୍‌ବେଲା ୩ ନୁ ସଞ୍ଝର୍ ୬ ବଜେତକ୍ ପରୀକ୍ଷା ହେବା । ଇ ବାବ୍‌ଦେ ଏନ୍‌ଟିଏ ୱେବ୍‌ସାଇଟ୍‌ଥି ଏଡ଼ମିଟ୍‌କାର୍ଡ଼ ବାହାରିଛେ ।

ସ୍ନାତକ କୋର୍ସ -ପାଠ୍ୟକ୍ରମ ଆର୍‌ଏନ୍‌ୟୁ / ସମ୍ବଲପୁର

ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ- ୟୁଜିସି ତର୍‌ଫୁ ସ୍ନାତକ କୋର୍ସ ଲାଗି ନୂଆଁ କରିକୁଲମ୍ ଆଉ କ୍ରେଡିଟ୍ ଫ୍ରେମ୍‌ୱାର୍କ -

ପାଠ୍ୟକ୍ରମ୍ ବାହାର୍ କରାଯାଇଛେ । ଇ ପାଠ୍ୟକ୍ରମ୍‌ଥି ବଛରକିଆ ଆଉ ଦୁଇବର୍ଷିଆ ପିଜିର ଶୈକ୍ଷିକ ଗଠନ୍ ଆର୍ କ୍ରେଡ଼ିଟ୍ ବାବ୍‌ଦେ ଲେଖା ଯାଇଛେ । ଡିଗ୍ରୀ ପାଠ୍‌ପଢ଼ା ଉତ୍‌ରୁ ଉଚ୍ଚଶିକ୍ଷା ଲାଗି ଯେନ୍ତା କେନ୍‌ସି ଅସୁବିଧା ନାଇଁ ହେବା ସେ ଦିଗେ ୟୁଜିସି ଜୋର୍ ଦେଇଛେ । ଯେନ୍‌ମାନେ ୩ ବର୍ଷିଆ ଡିଗ୍ରୀ କୋର୍ସ କରିଥିବେ ସେମାନ୍‌କର୍ ଲାଗି ୨ ବର୍ଷିଆ ପିଜି କୋର୍ସଥି ୨ ନମ୍ବର୍ ବଛର୍ ପୁରା ଗବେଷଣା ଲାଗି ରହେବା । ସେନ୍ତା ଯେନ୍‌ମାନେ ୪ ବର୍ଷିଆ ଡିଗ୍ରୀ କୋର୍ସ କରିଥିବେ ସେମାନେ ବର୍ଷିକିଆ ପିଜି ଭିଲ୍ କରିପାର୍‌ବେ । ବିଶ୍ୱବିଦ୍ୟାଳୟ ମାନେ ପିଜି ଶିକ୍ଷାଥି କୃତ୍ରିମ ବୁଦ୍ଧିମତା - ଏ.ଆଇ, ବୃତିଗତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଉ ଆଇନ୍ ବାଗିର୍ କୋର୍ସକେ ଗୁରୁତ୍ୱ ଦେବେ ।

ହାତୀ ଆକ୍ରମଣ୍- ୩ ମୃତ        ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲାର୍ ଝାର୍‌ବନ୍ଧ ବ୍ଲକ୍ ଗୋଠୁଗୁଡ଼ା ପଂଚାୟତ୍‌ର ଶଲ୍‌ଡିହି ଗାଁ ନ ଗଲାରାତି ହାତୀ ଆକ୍ରମଣ୍‌ଥି ୩ ଝନ୍‌କର୍ ଜୀବନ୍ ଯାଇଛେ । ମୃତକ୍‌ମାନ୍‌କର୍ ଭିତ୍‌ରେ ଝନେ ମହିଲା ଆର୍ ତାର୍ ୨ ଟା ଛୋଟ୍ ଛୁଆ ଅଛନ୍ । ଘର୍ ଭିତ୍‌ରେ ସେମାନେ ଶୁଇଥିବାର୍ ବେଲେ ହାତୀ ଘର୍ ଭାଙ୍ଗିଦେବାର୍‌ନୁ ଇମାନ୍‌କର୍ ଜୀବନ୍

ଯାଇଛେ । ଖବର୍ ପାଇକରି ଜଙ୍ଗଲ୍ ବିଭାଗ୍‌ର କର୍ମଚାରୀମାନେ ଘଟ୍‌ନା ଜାଗାକେ ପୁହୁଁଚିକରି ହାତୀମାନ୍‌କେ ଖେଦିଛନ୍ ।

ହାଇକୋର୍ଟ- ପିଇଓ ଆର୍‌ଏନ୍‌ୟୁ / ସମ୍ବଲପୁର

ପଂଚାୟତ୍ ନିର୍ବାହୀ ଅଧିକାରୀ -ପିଇଓ ଙ୍କର୍ ବିରୋଧ୍ ନ ଜିଲ୍ଲାପାଲ୍‌ମାନେ କେନ୍‌ସି ପ୍ରକାର୍ ଶୃଙ୍ଖଲାଗତ କାର୍ଯ୍ୟାନୁଷ୍ଠାନ୍ ନାଇଁ ନେଇପାରନ୍ ବଲି ଓଡ଼ିଶା ହାଇକୋର୍ଟ ଗୁଟେ ଗୁରୁତ୍ୱପୂର୍ଣ୍ଣ ରାୟଥି ସ୍ପଷ୍ଟ କରିଛନ୍ । ଗୁଟେ ମାମ୍‌ଲାର୍ ବିଚାର୍ କରିକରି ହାଇକୋର୍ଟ କହିଛନ୍ ଯେ, ପିଇଓ ପଂଚାୟତ୍ ଅଧୀନ୍‌ଥି କାମ୍ କରୁଥିବାର୍‌ନୁ ଦର୍‌କାର୍ ପଡ୍‌ଲେ ତାଙ୍କର୍ ବିରୋଧିଥି ଖାଲି ଗ୍ରାମ୍ ପଂଚାୟତ୍ ହିଁ କାର୍ଯ୍ୟାନୁଷ୍ଠାନ୍ ନେଇପାର୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୪ ଦିନ୍ ଭିତ୍‌ରେ ସକ୍ରିୟ ହେବା । ଆଏବା ୨୦ ଆଉ ୨୧ ତାରିଖ୍ ଦିନ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ହେଲେ ମୌସୁମୀ ଡେରୀଥି ପୁହୁଁଚିଥିବାର୍‌ନୁ ଆଏବା କାଏଲ୍‌ତକ୍

ଗରମ୍ ଆଉ ଗୁଲ୍‌ଗୁଲି ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।